# ଆଦିବାସୀ ମେଳାର ନବମ ସଂଧ୍ୟା

# ଜନସମୁଦ୍ର ମଧ୍ୟରେ ଜନଜାତି ଖାଦ୍ୟର ମହକ

ରାଜଧାନୀର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଜନଜାତି ବର୍ଗର ମହାକୁମ୍ଭ ଆଦିବାସୀ ମେଳା ଆଜି ନବମ ଦିନରେ ପହଂଚିଛି । ଦିନ ଯେତେ ଗଡୁଛି, ମେଳାରେ ଭିଡ଼ ସେତିକି ବଢ଼ିବାରେ ଲାଗିଛି । ମେଳା ପରିସରରେ କିଣାବିକା ବି ସେମିତି ଜମୁଥିବାର ଦେଖାଯାଉଛି । କିଏ ଆଦିବାସୀ ମାନଙ୍କର ମୌଳିକ ସାମଗ୍ରୀକୁ ପସନ୍ଦ କରୁଛି ତ ଆଉ କିଏ ସେମାନଙ୍କ ଖାଦ୍ୟ ସାମଗ୍ରୀର ମଜା ନେଉଛି । ଏହି ମେଳା ରାଜଧାନୀବାସୀଙ୍କ ପାଇଁ ଏଭଳି ଏକ ଭିନ୍ନ ଅନୁଭୂତି ଆଣି ଦେଇଛି । ସନ୍ଧ୍ୟା ନଇଁ ଆସିବା କ୍ଷଣି ପଡ଼ିଆରେ ପଡୁଛି ଲକ୍ଷ ଲକ୍ଷ ଲୋକଙ୍କ ପାଦ । ପ୍ରାକୃତିକ ପରିବେଶରୁ ଆସିଥିବା ଜନଜାତିଙ୍କ ଚଳଣି ଓ ପରଂପରାକୁ ବୁଝିବା ସହ ସେମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିବାର ସୁଯୋଗ ସୃଷ୍ଟି କରୁଛି ମେଳା । ଆଦିବାସୀ ବର୍ଗର ଐତିହ୍ୟ ଓ ହସ୍ତକଳାର ନିଖୁଣତାକୁ ଅତି ସୁନ୍ଦର ଭାବରେ ପ୍ରଦର୍ଶନ କରାଯାଇଛି ବିଭିନ୍ନ ମଣ୍ଡପରେ । ମେଳା ପରିସରରେ ଥିବା ଆଦିବାସୀ ହାଟର ପ୍ରତ୍ୟେକ ଷ୍ଟଲରେ ଆଇ.ଟି.ଡି.ଏ ଅଧିନସ୍ଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ବ୍ୟବସ୍ଥା କରାଯାଇଛି । ହାଟରେ ମିଳୁଥିବା ଜନଜାତିଙ୍କ ସାମଗ୍ରୀ କିଣିବାକୁ ପ୍ରତିଦିନ ଗ୍ରାହକଙ୍କ ଭିଡ଼ ଜମୁଛି । ବିଶେଷ କରି ହଳଦୀ, ମାଣ୍ଡିଆ, କାନ୍ଦୁଲ, ବିରି, କୋଳଥ, ସୋରିଷ, ଅଦା, ଖଣ୍ଡ ହଳଦୀ, ବଡ଼ି ଆଦିର ଚାହିଦା ବେଶି ପରିଲକ୍ଷିତ ହେଉଛି । ମେଳା ବୁଲିବାକୁ ଆସିଥିବା ଜଣେ ଗୃହିଣୀ କୁହନ୍ତି, 'ବିନା କୌଣସି ଅପମିଶ୍ରଣରେ ଏ ସବୁ ସାମଗ୍ରୀ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହେଉଛି । ତେଣୁ ଏହାର ମାନ ବଜାରରେ ମିଳୁଥିବା ଅପମିଶ୍ରିତ ସାମଗ୍ରୀଠାରୁ ଉନ୍ନତ ରହିଛି । ଏ ସବୁର ମୂଲ୍ୟ ମଧ୍ୟ କମ୍ ରହୁଛି । ଏହା ଛଡ଼ା ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ସ୍ୱାଦ ଭିନ୍ନ ରହୁଛି। ସେଥିପାଇଁ ପ୍ରତିବର୍ଷ ମେଳାକୁ ଆସି ହଳଦୀ, ସୋରିଷ, ବିରି ଆଦି କିଣିଥାଏ' । ମେଳା ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପ୍ରଦର୍ଶନ ଏବଂ ବିକ୍ରି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆଦିବାସୀମାନଙ୍କ ଦ୍ୱାରା ସଂଗୃହୀତ ତଥା ପ୍ରସ୍ତୁତ ସାମଗ୍ରୀର ମୌଳିକ ଗୁଣବତା ଯୋଗୁଁ ଏହାକୁ କିଣିବା ପାଇଁ ଗୃହିଣୀମାନଙ୍କ ମଧ୍ୟରେ ଆଗ୍ରହ ଦେଖାଯାଉଛି ।

ଆଦିବାସୀ ମେଳା ପରିସରରେ ଖୋଲା ଯାଇଥିବା ଜନଜାତି ଖାଦ୍ୟ ପ୍ରାଙ୍ଗଣରେ ମୁଢ଼ି ମାଂସ ଓ ପରିବା ପିଠାର ଅଧିକ ଚାହିଦା ରହିଛି । ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ମହକ ଲୋକଙ୍କୁ ଆକର୍ଷିତ କରୁଛି । ସହରୀ ଜୀବନରେ ଫାଷ୍ଟଫୁଡ୍ ଖାଇବାରେ ଅଭ୍ୟସ୍ତ ଛାତ୍ର, ଯୁବକ ଓ ମହିଳାମାନେ କିଛି ନୂଆ ଖାଦ୍ୟ ଖାଇବାର ନିଆରା ସୁଯୋଗ ଲାଭ କରିଛନ୍ତି । ଶୀତୁଆ ସଂଧ୍ୟାରେ ଗରମ ବରା, ପିଆଜି ସାଙ୍ଗକୁ ଘୁଗୁନିର ଭରପୁର ମଜା ନେଉଛନ୍ତି ଦର୍ଶକ । ଆଦିବାସୀମାନଙ୍କର ପାରଂପରିକ ଖାଦ୍ୟ ମାଣିଆ ଜାଉ, ମାଣ୍ଡିଆ ପିଠା, ଏଣ୍ଡୁରି, ପୋଡ଼ ପିଠା, ମୁଆଁ ପିଠା, ପାଲୁଅ ଖିରି, ମଣ୍ଡା ପିଠା, କାକରା ପିଠା ମଧ୍ୟ ଭଲ ବିକ୍ରି ହେଉଛି । ଏହାଛଡ଼ା ଆଦିବାସୀମାନଙ୍କର ହାତ ତିଆରି ରାଶିଲଡୁ, ଆମ୍ବୁଲ, ମୁଢ଼ି, ଚାଉଳଭଜା, ବୁଟ ଓ ମଟର ଭଜା ଆଦିକୁ ମଧ୍ୟ ବହୁ ଲୋକ କିଣି ନେଉଛନ୍ତି । ମୋଟାମୋଟି ଭାବରେ ରବିବାରର ଛୁଟି ଦିବସକୁ ଅଧିକ ଆମୋଦଦାୟକ କରିବା ପାଇଁ ମେଳାର ନବମ ସଂଧ୍ୟା ଏକ ଅପୂର୍ବ ସୁଯୋଗ ସୃଷ୍ଟି କଲାଭଳି ମନେ ହୋଇଥିଲା ।

***